# UGO - SN101

B.A./B.Sc./B.Com.(Genl.)/B.Com.(CAS)/B.B.A./B.C.A. DEGREE
EXAMINATION, JUNE - 2022
FIRST SEMESTER (CBCS Pattern)
SPECIAL ORIYA
MIL (ODIA)
(Prose, Poetry & Grammar) (New Regulation)
(w.e.f. 2021-22 Admitted Batch)

**Time : 3 Hours** **Max. Marks : 75**

## SECTION - A

ଯେ କୌଣସି ପାଞ୍ଚୋଟି ପ୍ରଶ୍ନର ଉତ୍ତର ଦିଅ । [5 × 5 = 25]

1. 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' କବିତାରେ ଦୁର୍ଯ୍ୟୋଧନ ଦାନବୀର କର୍ଣ୍ଣଙ୍କ ଗୁଣଗାନ କିପରି କରିଛନ୍ତି ଲେଖ ।

କିମ୍ବା

ଦୁର୍ଯ୍ୟୋଧନ ଶକୁନିକୁ କୋଳରେ ଧରି କ'ଣ କହି ବିଳାପ କରିଛନ୍ତି ନିଜ ଭାଷାରେ ଲେଖ ।

2. ପଠିତ କବିତା 'କାହାକୁ କହିବା' କବିତା ଅନୁସରଣରେ ଜଠରାନଳେ ଦେହ କିପରି ଜଳେ – ବିଶ୍ଳେଷଣ କର ।

କିମ୍ବା

ଅମୃତ କିପରି ବିଷ ହୁଏ 'କାହାକୁ କହିବା' କବିତା ଅନୁଯାୟୀ ଆଲୋଚନା କର ।



Scanned with OKEN Scanner

3. ମୁଁ ଏଠାରୁ ପାରିବିନି ଘୁଞ୍ଚି କାଳେ
ଜହ୍ନ ବୁଡ଼ିଯିବ
କାଳେ ମୁଁ ଫେରିବା ବେଳେ ସୂର୍ଯ୍ୟାଲୋକେ
ବାଟ ନ ଦିଶିବ । – ସପ୍ରସଙ୍ଗ ସରଳାର୍ଥ ଲେଖ ।

କିମ୍ବା

'ଜହ୍ନରାତି' କବିତା ଅନୁଯାୟୀ ଶ୍ରୀରାଧାଙ୍କ ଭାବାବେଗ ବ୍ୟକ୍ତ କର ।

4. ପିକ୍‌ନିକ୍ ରୁ ଫେରିଲାବେଳେ କବିଙ୍କ ବଂଧୁ ମାନେ କ'ଣ କ'ଣ ଧରି ଫେରିଛନ୍ତି ତପ୍ତପାଣିରେ ପିକ୍‌ନିକ୍ କବିତା ଅନୁଯାୟୀ ଲେଖ ।

କିମ୍ବା

ତପ୍ତପାଣିରେ ପିକ୍‌ନିକ୍ କବିତାରେ କବିଙ୍କ ଅନୁଭୂତି କିପରି ହୋଇଥିଲା ବୁଝାଇ ଲେଖ ।

5. ସାହିତ୍ୟ ଜାତୀୟ ଜୀବନର ପ୍ରଧାନ ବନ୍ଧନରଜ୍ଜୁ – କିପରି ? ଆଲୋଚନା କର ।

କିମ୍ବା

ସାହିତ୍ୟ ଜାତୀୟ ଜୀବନର ନିର୍ମାତା କିପରି ହୋଇଥାଏ – ବିଶ୍ଳେଷଣ କର ।

6. 'ମନୁଷ୍ୟତା' ପ୍ରବନ୍ଧ ଅନୁଯାୟୀ ମନୁଷ୍ୟର କେଉଁ ବିଶେଷତା ପାଇଁ ପଶୁଠାରୁ ସେ ଅଲଗା ହୋଇପାରିଛି ବୁଝାଇ ଲେଖ ।

କିମ୍ବା

ମନୁଷ୍ୟତା ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ମତ ଅନୁସାରେ ନାସ୍ତିକତା ବା ଜଡବୋଦର ବିଚାର ଧାରା କିପରି ବିଶ୍ଳେଷଣ କର ।

7. 'ଜୟନ୍ତୀ' ପ୍ରବନ୍ଧରେ ବର୍ଣ୍ଣିତ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ହୋଇଥିବା ଯୁଦ୍ଧର ଘନଘଟା ବିଷୟରେ ଆଲୋଚନା କର ।

କିମ୍ବା

କେଉଁ ଅପରାଧ ପାଇଁ ମହିମାମୟୀ ଜୋଆନ୍‌ଙ୍କୁ ପ୍ରଜ୍ୱଳିତ ନିଆଁରେ ଜୀବନ୍ତ ନିକ୍ଷେପ କରାଗଲା, ପଠିତ 'ଜୟନ୍ତୀ' ପ୍ରବନ୍ଧ ଅନୁସାରେ ବୁଝାଇ ଲେଖ ।





8. 'ମଧୁସନ୍ଧାନ' ପ୍ରବନ୍ଧର ଆଭିମୁଖ୍ୟ ସଂକ୍ଷିପ୍ତରେ ବିଶ୍ଳେଷଣ କର ।

କିମ୍ବା

'ମଧୁସନ୍ଧାନ' ଏକ ବୈଦ୍ଧିକ ଚେତନାଧର୍ମୀ ପ୍ରବନ୍ଧ – କିପରି ବିଚାର କର ।

9. ସଂକ୍ଷେପରେ ଲେଖ –
ମାଟିର ମହାକବି ସାରଳା ଦାନ

କିମ୍ବା

ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ

## SECTION - B

[5 × 10 = 50]

1. 'ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ କବିତା ଅବଲମ୍ବନରେ ଦୁର୍ଯ୍ୟୋଧନଙ୍କ ମମତା ସିନ୍ଧ ପିତୃ ହୃଦୟର ପରିଚୟ ପ୍ରଦାନ କର ।

କିମ୍ବା

'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' କବିତାରୁ କବି ସାରଳାଦାସଙ୍କ ରଚନାଶୈଳୀ ଓ ଭାଷା ପ୍ରୟୋଗ ସମନ୍ଧରେ ଆଲୋଚନା କର ।

2. ଅଦୃଷ୍ଟରେ ପରିହାସକୁ ମୁଣ୍ଡପାତି ସହିଯିବା ବ୍ୟତିତ ମଣିଷର ଅନ୍ୟଗତି ନଥାଏ– 'କାହାକୁ କହିବା' କବିତା ଅବଲମ୍ବନରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

କିମ୍ବା

କାହାକୁ କହିବା କବିତାର ସାରମର୍ମ ଲେଖ ।

3. 'ଜହ୍ନରାତି' କବିତାର ମର୍ମାର୍ଥ ବିଶ୍ଳେଷଣ କର ।

କିମ୍ବା

'ଜହ୍ନରାତି' କବିତାରୁ କବିଙ୍କ ଆଭିମୁଖ୍ୟ ସମ୍ପର୍କରେ ବିଶ୍ଳେଷଣ କର ।

4. 'ତପ୍ତପାଣିରେ ପିକ୍‌ନିକ୍' କବିତାର ସାରମର୍ମ ଲେଖ ।

କିମ୍ବା

ଦୈନନ୍ଦିନ କାର୍ଯ୍ୟସୂଚୀରୁ ଅଲଗା ହୋଇ ମଣିଷ କ୍ଷଣିକ ପାଇଁ ହେଲେ ବି ଆନନ୍ଦ ଉପଭୋଗ କରିବାକୁ ଚାହେଁ, 'ତପ୍ତପାଣିରେ ପିକ୍‌ନିକ୍' କବିତା ଅନୁସରଣରେ ଆଲୋଚନା କର ।

[P.T.O.]



Scanned with OKEN Scanner

5. 'ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ' ପ୍ରବନ୍ଧର ଭାବଧାରା ସମ୍ପର୍କରେ ଆଲୋଚ୍ନା କର ।

କିମ୍ବା

'ଜାତୀୟ ଜୀବନ ଗଠନ ଦିଗରେ' ସାହିତ୍ୟ କି କାର୍ଯ୍ୟ କରିପାରେ ଆଲୋଚ୍ନା କର ।

6. 'ମନୁଷ୍ୟତା' ପ୍ରବନ୍ଧର ସାରକଥା ଲେଖ ।

କିମ୍ବା

ମଣିଷ ଜାତିର କ୍ରମ ବିକାଶ କିପରି ଘଟିଛି ଆଲୋଚ୍ୟ ପ୍ରବନ୍ଧ 'ମନୁଷ୍ୟତା' ଅନୁସରଣରେ ଆଲୋଚନା କର ।

7. 'ଜୟନ୍ତୀ' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ବିଚାରଧାରା ସମ୍ପର୍କରେ ଆଲୋଚନା କର ।

କିମ୍ବା

ମହାପୁରୁଷ ମାନଙ୍କର ତିରୋଧାନ ପରେ ଲୋକେ ସେମାନଙ୍କ ଗୁଣ କୁହନ୍ତି, ପ୍ରତିଭାର ଆଦର କରନ୍ତି, ମହତ୍ତ୍ୱ ଉପଲବ୍ଧି କରନ୍ତି – ପଠିତ ପ୍ରବନ୍ଧ 'ଜୟନ୍ତୀ' ଅନୁସରଣରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

8. 'ମଧୁସନ୍ଧାନ' ପ୍ରବନ୍ଧର ସାରମର୍ମ ଲେଖ ।

କିମ୍ବା

ଜାଗତିକ ସତ୍ୟର ଉପଲବ୍ଧି ପାଇଁ ପଠିତ ପ୍ରବନ୍ଧ 'ମଧୁସନ୍ଧାନରେ' କିପରି ପ୍ରୟାସ କରାଯାଇଛି ଆଲୋକପାତ କର ।

9. ବିଭକ୍ତି କ'ଣ ? ଏହାକୁ କେତେ ଭାଗରେ ବିଭକ୍ତ କରାଯାଇଛି – ଉଦାହରଣ ସହ ଲେଖ ।

କିମ୍ବା

ଶ୍ଳେଷ ଅଳଂକାରର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ ସଂପର୍କରେ ଆଲୋଚ୍ନା କର ।

❋ ❋ ❋ ❋ ❋



Scanned with OKEN Scanner